This Question Paper consists of 25 questions 7 printed pages.
ଏହି ପ୍ରଶ୍ନପତ୍ରରେ ମୋଟ 25 ଟି ପ୍ରଶ୍ନ ଅଛି ଏବଂ 7 ମୁଦ୍ରିତ ପୃଷ୍ଠା ଅଛି।

Roll No.
ରୋଲ ନଂ

| | | | | | | | | | | | |
|---|---|---|---|---|---|---|---|---|---|---|---|
| | | | | | | | | | | | |

**Code No.** **59/S/O/OR**
କୋଡ୍ ନମ୍ବର

**Set /** ସେଟ୍ **A**

# ODIA

(ଓଡ଼ିଆ)

**(233)**

Day and Date of Examination ..........................................................................................
(ପରୀକ୍ଷାର ଦିନାଙ୍କ ଓ ତାରିଖ)

Signature of Invigilators 1. ..........................................................................................
(ନିରୀକ୍ଷକଙ୍କ ସ୍ୱାକ୍ଷର)

2. ..........................................................................................

---

***ସାଧାରଣ ନିର୍ଦ୍ଦେଶାବଳୀ :***

1. ପ୍ରଶ୍ନପତ୍ରର ପ୍ରଥମ ପୃଷ୍ଠାରେ ପରୀକ୍ଷାର୍ଥୀ ନିଜର ରୋଲ୍ ନମ୍ବର ନିର୍ଦ୍ଦିଷ୍ଟ ସ୍ଥାନରେ ନିଶ୍ଚିତ ଲେଖନ୍ତୁ।

2. ପ୍ରଶ୍ନପତ୍ରର ସମସ୍ତ ମୁଦ୍ରିତ ପୃଷ୍ଠା ଓ ପ୍ରଶ୍ନସଂଖ୍ୟା ପ୍ରଶ୍ନପତ୍ରର ପ୍ରଥମ ପୃଷ୍ଠାରେ ଦିଆଯାଇଥିବା ସଂଖ୍ୟା ସହ ମିଳାଇ ନିଅନ୍ତୁ।

3. ଉତ୍ତର ପୁସ୍ତିକାରେ ସମସ୍ତ ପ୍ରଶ୍ନର ଉତ୍ତର ଲେଖନ୍ତୁ।

4. ସମସ୍ତ ପ୍ରଶ୍ନର ଉତ୍ତର ନିର୍ଦ୍ଧାରିତ ସମୟ ଭିତରେ ଦେବାକୁ ହେବ।

5. ଉତ୍ତର ପୁସ୍ତିକାର ନିର୍ଦ୍ଦିଷ୍ଟ ସ୍ଥାନ ବ୍ୟତିତ ଅନ୍ୟ କୌଣସି ସ୍ଥାନରେ ପରୀକ୍ଷାର୍ଥୀ ଯଦି ନିଜ ରୋଲ୍ ନମ୍ବର ଲେଖନ୍ତି କିମ୍ବା ଅନ୍ୟ କିଛି ଚିହ୍ନ ଦିଅନ୍ତି ତେବେ ପରୀକ୍ଷାର୍ଥୀଙ୍କୁ ଅଯୋଗ୍ୟ ଘୋଷିତ କରାଯିବ।

6. ପ୍ରଶ୍ନପତ୍ରର କୋଡ୍ ନମ୍ବର 59/S/O/OR ସେଟ୍ A ଉତ୍ତର ପୁସ୍ତିକାରେ ଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ଲେଖନ୍ତୁ।

# ODIA

## ଓଡ଼ିଆ

## (233)

ସମୟ : 3 ଘଣ୍ଟା ]  [ ପୂର୍ଣ୍ଣ ସଂଖ୍ୟା : 100

ନୋଟ୍ : (i) **ସମସ୍ତ** ପ୍ରଶ୍ନର ଉତ୍ତର ଦିଅ।

(ii) ପ୍ରତ୍ୟେକ ପ୍ରଶ୍ନ ସମ୍ମୁଖରେ ନିର୍ଦ୍ଧାରିତ ସଂଖ୍ୟା (ମାର୍କ) ସୂଚିତ ହୋଇଛି।

**1.** ସନ୍ଧି ବିଚ୍ଛେଦ କର (**2** ଟିର) : 3

ନବୋଦୟ, ଯତୀନ୍ଦ୍ର, ସପ୍ତର୍ଷି, ପିତ୍ରାଦେଶ

**2.** ବିପରୀତାର୍ଥବୋଧକ ଶବ୍ଦ ଲେଖ (**4** ଟିର) : 2

ଦୋଷୀ, କୃତଘ୍ନ, ବିଷ, କୃତ୍ରିମ

**3.** ନିମ୍ନଲିଖିତ ସମୋଚ୍ଚାରିତ ଶବ୍ଦର ଅର୍ଥ ଲେଖ : 2

ଗୁଣି–ଗୁଣୀ, ଚୁଡା–ଚୂଡ଼ା

**4.** ରୂଢ଼ିମାନଙ୍କର ଅର୍ଥ ଲେଖ (**3** ଟିର) : 3

କୁହୁଡି ପହଁରିବା, ଅହି–ନକୁଳ ସଂପର୍କ, ଆଖିରେ ଧୂଳିଦେବା, ଚାଲିଲା ଶଗଡ଼ରେ ହାତଦେବା

**5.** ପରୋକ୍ଷୋକ୍ତିରେ ପରିଣତ କର : 1

ରାଜେଶ କହିଲା—''ଆଜି ମୁଁ ନିଶ୍ଚୟ ଓଡ଼ିଆ ବହିଟି ଦୋକାନରୁ କିଣିବି।''

**6.** ଏକ ପଦରେ ପ୍ରକାଶ କର : 1

ଦାନ ନିମିତ୍ତ, ନଈର ମଝି

**7.** ନିମ୍ନଲିଖିତ ପ୍ରତ୍ୟୟଗୁଡ଼ିକ ମଧ୍ୟରୁ ଯେକୌଣସି **ତିନୋଟି** ପ୍ରତ୍ୟୟକୁ ନେଇ ଗୋଟିଏ ଗୋଟିଏ ଶବ୍ଦ ଗଠନ କର : 3

ଉଆ, ଆଳି, ବାଲା, 'ଇଆ'

**8.** ଠିକ୍ ଉତ୍ତର ବାଛି ତାପାଖରେ ଚିହ୍ନ (✓) ଦିଅ : 1

ପଶ୍ଚିମ ଜୀବନ ଅର୍ଥ

(କ) ପଶ୍ଚିମ ଆଡ଼କୁ ମୁହଁ କରିବା

(ଖ) ଜୀବନର ଶେଷଭାଗ

(ଗ) ଜୀବନର ପଶ୍ଚିମପାଖ

**9.** ନିମ୍ନଲିଖିତ ବାକ୍ୟଗୁଡ଼ିକ ମଧ୍ୟରୁ ସରଳ ବାକ୍ୟ, ଜଟିଳ ବାକ୍ୟ, ଯୌଗିକ ବାକ୍ୟ ଚିହ୍ନାଅ : 3

(କ) ଚନ୍ଦ୍ରୋଦୟରେ ଆକାଶ ନିର୍ମଳ ଦିଶେ।

(ଖ) ତୁଳସୀ ଦୁଇ ପତ୍ରରୁ ବାସେ, ବିଛୁଆତି ଦୁଇ ପତ୍ରରୁ କୁଣ୍ଡାଇ ହୁଏ।

(ଗ) ସଂକୀର୍ଣ୍ଣତା ମଧ୍ୟରେ ଯଦି ମନକୁ ଆବଦ୍ଧ କରିବ, ତେବେ କର୍ମକ୍ଷେତ୍ର ମଧ୍ୟ ଆବଦ୍ଧ ହୋଇଯିବ।

**10.** ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର : 1

ସରକାର ଲକ୍ଷ୍ମଣଙ୍କୁ ମୁଠାଦାର ପଦରୁ ______ କଲେ । (କାଢ଼ିଦେଲେ, ନିଯୁକ୍ତି, ବିଚ୍ୟୁତ)

**11.** 'ଜୀବନ' ଶବ୍ଦର ଦୁଇଟି ଅର୍ଥ ଲେଖ । 1

**12.** ନିମ୍ନଲିଖିତ ଶବ୍ଦର ପଦ୍ୟ ରୂପ ଲେଖ (**2** ଟିର) : 2

ପ୍ରାକୃତ, ଶବ୍ଦ, ଗ୍ରାହକ, ପ୍ରାଣୀ

**13.** 'କ' ସ୍ତମ୍ଭରେ ଥିବା ଶବ୍ଦମାନଙ୍କ ସହ 'ଖ' ସ୍ତମ୍ଭରେ ଦିଆଯାଇଥିବା ଶବ୍ଦର ସଂପର୍କ ଦର୍ଶାଇ ଉତ୍ତର ପୁସ୍ତିକାରେ ଠିକ୍ ଉତ୍ତର ଲେଖ (**3** ଟି) : 3

| **'କ' ସ୍ତମ୍ଭ** | **'ଖ' ସ୍ତମ୍ଭ** |
|---|---|
| (କ) ରମ୍ୟ | *(i)* ପୂର୍ଣ୍ଣ |
| (ଖ) ବିବିଧ | *(ii)* ଉପବନ |
| (ଗ) ଫୁଲେ | *(iii)* ସୁବାସ |
| (ଘ) ନବ | *(iv)* ବିଦ୍ୟମନେ |
| (ଙ) ଦିବ୍ୟ | *(v)* ଦୁର୍ବାଦଳ |
| | *(vi)* ମଥାମଣି |

**14.** ନିମ୍ନ ଶବ୍ଦମାନଙ୍କର ବର୍ତ୍ତମାନ ପ୍ରଚଳିତ ରୂପ ଲେଖ (**2** ଟିର) : 2

ଯୁଝେଷ୍ଟି, ଦିଲେ, ବସ୍ରେ ସ୍ରାହାନ, ଦେବତାୟେ

**15.** ନିମ୍ନ ଶବ୍ଦଟି କେଉଁ ପ୍ରକାର ପଦ, ବନ୍ଧନୀ ମଧ୍ୟରୁ ଠିକ୍ ଉତ୍ତର ବାଛି ଲେଖ : 1

ଶୃଙ୍ଖଳା (ବିଶେଷ୍ୟ, ବିଶେଷଣ)

**16.** 'କଳୁଷିତ' ପରି ଆଉ ଏକ ଶବ୍ଦ ଲେଖ। 1

**17.** ବନ୍ଧନୀ ମଧ୍ୟରୁ ଠିକ୍ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର : 1

ସୁଖବୋଲି ଯାହା ______ ନେତ୍ରେ ଦିଶେ। (ଲୋକ, ଜନ, ମନ)

**18.** ଆତ୍ମ-ସମ୍ମାନ କେଉଁଥିରୁ ଆସିଥାଏ? 1

(କ) ଆତ୍ମ ନିର୍ଭରଶୀଳତାରୁ

(ଖ) ବିଦେଶରୁ ଆମଦାନୀ ହେଉଥିବା ଜିନିଷରୁ

(ଗ) ଦେଶ ରସାତଳଗାମୀ ହେବାରୁ

**19.** ସଂକ୍ଷେପରେ ଉତ୍ତର ଦିଅ (**6** ଟିର) : 1½×6=9

(କ) ବିଶ୍ୱସେବା କହିଲେ କ'ଣ ବୁଝାଏ?

(ଖ) ଗୁରୁ କ'ଣ କ୍ଷମା କରିବା ପାଇଁ କବି ନିବେଦନ କରିଛନ୍ତି?

(ଗ) ଯୁଧିଷ୍ଠିରଙ୍କର ଶ୍ୱାନର ବର୍ଣ୍ଣ କିପରି ଥିଲା?

(ଘ) ପରୀକ୍ଷିତ ରାଜା କିଏ?

(ଙ) ସୁଖକୁ ବସ୍ତୁ ନ କହି ଧୂମ ଏବଂ ଆକାଶକୁସୁମ କହିବାର ତାତ୍ପର୍ଯ୍ୟ କ'ଣ?

(ଚ) ଧ୍ୱନି ସ୍ଥାପନ ପାଇଁ କିଏ ଆଜ୍ଞା ଦେବେ ବୋଲି କବି କହିଛନ୍ତି?

(ଛ) ଶୁଦ୍ଧ ସ୍ଫଟିକ ସହିତ କାହାର ରୂପ ତୁଳନୀୟ?

**20.** ସଂକ୍ଷେପରେ ଯେକୌଣସି **ତିନୋଟି** ପ୍ରଶ୍ନର ଉତ୍ତର ଦିଅ : 3×3=9

(କ) ରାମାୟ କିଏ?

(ଖ) ଆଚାର୍ଯ୍ୟଙ୍କ ଆଗମନରେ ଲେଖକଙ୍କ ସହଯାତ୍ରୀମାନଙ୍କର କିପରି ପରିସ୍ଥିତି ସୃଷ୍ଟିହେଲା?

(ଗ) ସରକାର ଲକ୍ଷ୍ମଣଙ୍କୁ କିପରି ଦୋଷୀ ସାବ୍ୟସ୍ତ କଲେ?

(ଘ) ସୁମିତ୍ରାଙ୍କ ସଂପର୍କରେ ବିମଳବାବୁଙ୍କର କି ଧାରଣା ଥିଲା?

**21.** ନିମ୍ନଲିଖିତ ପ୍ରଶ୍ନଗୁଡ଼ିକ ମଧ୍ୟରୁ ଯେକୌଣସି **ତିନୋଟି** ପ୍ରଶ୍ନର ଉତ୍ତର ଦିଅ : 7×3=21

(କ) କଳିଙ୍ଗ କହିଲେ କେଉଁ ଅଞ୍ଚଳକୁ ବୁଝାଉଥିଲା? ଏହାର ସଂସ୍କୃତି ଓ ଭାଷାଗତ ବୈଶିଷ୍ଟ୍ୟର ସୂଚ଼ନା ଦିଅ।

(ଖ) ଗଙ୍ଗାମାତାଙ୍କ ଦାନର ଦୁରୁପଯୋଗ ଚକୁଳିଆ ପଣ୍ଡା କାହିଁକି କଲା ଓ ଏହାର ପରିଣତି କ'ଣ ହେଲା?

(ଗ) ପ୍ରବନ୍ଧଟିର ନାମ ମୁର୍ଖ ପଣ୍ଡିତ ସମସ୍ୟା କାହିଁକି ହୋଇଛି?

(ଘ) ବ୍ୟକ୍ତି ପରମୁଖାପେକ୍ଷୀ ହୋଇଯାଉଛି କାହିଁକି?

(ଙ) ଭାରତର ଗଣମାଧ୍ୟମ ସମ୍ବନ୍ଧରେ କଲାମଙ୍କ ମତ କ'ଣ? ଆଲୋଚ଼ନା କର।

**22.** ଯେକୌଣସି **ଦୁଇଟି** ପ୍ରଶ୍ନର ଉତ୍ତର ଦିଅ : 6+6=12

(କ) ଚିଲିକା କବିତାରୁ କବି ଦୁଃଖବାଦୀ ବା ବିଷାଦବାଦୀ ବୋଲି ମନେ ହେବାର କାରଣ କ'ଣ?

(ଖ) ଖଦ୍ୟୋତିକା ଜୀବନର ସାର୍ଥକତା କାହିଁକି ବିରାଟ ବୋଲି କୁହା ଯାଇଛି?

(ଗ) ପଠିତ କବିତା ଅବଲମ୍ବନରେ ଶ୍ରୀକୃଷ୍ଣଙ୍କର ବାଲ୍ୟଲୀଳା ବର୍ଣ୍ଣନା କର।

**23.** *200* ଟି ଶବ୍ଦ ମଧ୍ୟରେ ଯେକୌଣସି **ଗୋଟିଏ** ବିଷୟରେ ରଚନା ଲେଖ : 10

(କ) ସମ୍ବାଦ ପତ୍ର

(ଖ) ଭ୍ରମଣର ଉପଯୋଗିତା

(ଗ) ତୁମର ପ୍ରିୟ ଖେଳ

**24.** ତୁମ ବିଦ୍ୟାଳୟରେ ଗୁରୁଦିବସ କିପରି ପାଳିତହେଲା ବର୍ଣ୍ଣନା କରି ମାଆଙ୍କ ନିକଟକୁ ଏକ ପତ୍ର ଲେଖ। 5

*କିମ୍ବା*

ବନ୍ୟା ଦୁର୍ଗତ ଅଞ୍ଚଳର ଅଧିବାସୀ ଭାବରେ ଖଣ୍ଡିଏ ଇନ୍ଦିରା ଆବାସ ପାଇବା ପାଇଁ ସଂପୃକ୍ତ ଅଧିକାରୀଙ୍କ ନିକଟକୁ ଏକ ଦରଖାସ୍ତ ଲେଖ।

**25.** ଓଡ଼ିଆରେ ଅନୁବାଦ କର : 2

(କ) Odisha is rich in minerals.

(ଖ) Service to man is service to God.

★ ★ ★